# OFFICE OF THE ANGUL MUNICIPALITY, ANGUL

## ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**Ph No. 06764-230582 email: angulmunicipality@gmail.com**

**ସଂଖ୍ୟା:** ୪୫୦ **/ତା:** ୦/୨/୨୦୨୪

### <u>ଅଭିବ୍ୟକ୍ତି ପ୍ରକାଶନ</u>

ଏତଦ୍ ଦ୍ୱାରା ଅନୁଗୋଳ ପୌରପାଳିକା, ଅନୁଗୋଳର ୪ ନଂ ଓ ୨୦ ନଂ ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା କିଆ ବନ୍ଧ (ୱାର୍ଡ ନଂ ୪ ) ଏବଂ ଧୋବା ବନ୍ଧ (ୱାର୍ଡ ନଂ ୨୦ )ପୁନର୍ଜୀବନ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦାସଂଗଠନ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ ତା ୧୩.୦୨.୨୦୨୪ **ରିଖ ଅପରାହ୍ନ ୫ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ୱାରା ଆବେଦନ** କରିପାରିବେ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏ ବଂ ଆସନ୍ତା **ତା ୧୫.୦୨.୨୦୨୪ ରିଖ୧୧.୦୦ ଘଟିକା** ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି।ସରକାରଙ୍କ ଦ୍ବାରା ନିର୍ଦ୍ଧାରିତ ଆବେଦନ ପତ୍ର ଗୁଡିକ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟରେ ଉପଲବ୍ଧ ଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଅନୁଗୋଳ ଜିଲ୍ଲା ୱେବସାଇଟ **<u>www.angul.nic.in</u>**ରୁ ମଧ୍ୟ ଡାଉନଲୋଡ କରିପାରିବେ। **ଲଫାଫା ର ଉପରେ “ମୁକ୍ତା ଯୋଜନା ଦ୍ୱାରା ଆମ ପୋଖରୀ - ୨୦୨୩-୨୪ ” ଲେଖାଥିବା ଆବଶ୍ୟକ ।** ଅଧିକ ଜାଣିବା ପାଇଁ ଅନୁଗୋଳ ପୌରପାଳିକା, ଅନୁଗୋଳଙ୍କ ସହ ଯୋଗାଯୋଗ କରି ପାରନ୍ତି।

<u>ବିଶେଷ ଦ୍ରଷ୍ଟବ୍ୟ</u>

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକା ଦ୍ୱାରା କୌଣସି କାର୍ଯ୍ୟ କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକାର ସ୍ଥାୟୀ ଭାବେ କରୁଥିବା କାର୍ଯ୍ୟ ଯଥା - ଆହାର,FSTP ,MCC, MRF, ଚୁଡା ଛତୁଆ ଇତ୍ୟାଦିରେ ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

**ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ, ଯଦି ସମ୍ପୃକ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ ସରକାରୀ ନିୟମାବଳୀରେ ଯୋଗ୍ୟ ବିବେଚିତ ନ ହୁଅନ୍ତି ତେବେ ପାର୍ଶ୍ୱବର୍ତ୍ତୀ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀକୁ ବିକଳ୍ପ ଭାବରେ ନିଆଯିବ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

**ପରିପତ୍ର ସଂଖ୍ୟା :** ୪୫୧ **/ତାରିଖ :** ୮/୭/୨୦୨୪

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

**ପରିପତ୍ର ସଂଖ୍ୟା :** ୪୫୨ **/ତାରିଖ :** ୮/୭/୨୦୨୪

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୪୫୩ /ତାରିଖ : ୮/୨/୨୦୨୪

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଅନୁଗୋଳ ଙ୍କୁଜିଲ୍ଲା ୱେବସାଇଟରେ ଅପଲୋଡକରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୪୫୪ /ତାରିଖ : ୮/୨/୨୦୨୪

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୪୫୫ /ତାରିଖ : ୮/୨/୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୪୫୬ /ତାରିଖ : ୮/୨/୨୦୨୪

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା,ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ବରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

# ମୁକ୍ତା ଯୋଜନାରେ ଆର୍ଥିକ ବର୍ଷ :୨୦୨୩-୨୪ ଆମ ପୋଖରୀ ନିମନ୍ତେ ଆବେଦନ ପତ୍ର

୦୧. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନର  ନାମ: ______________________________

ୱାର୍ଡ ନଂ: ______________ ଜିଲ୍ଲା: ______________ ପିନ୍: ______________

୦୨. ଗଠନ ବର୍ଷ: ______________________________

୦୩. UWEI/MUKTA ଯୋଜନାରେ କରିଥିବା ଯେକୌଣସି କାର୍ଯ୍ୟ ______________________

୦୪. ବର୍ତ୍ତମାନର କାର୍ଯ୍ୟକଳାପ/MUKTA: ______________________________

୦୫. ବ୍ୟାଙ୍କ ଆକାଉଣ୍ଟ୍ ସଞ୍ଚୟ ନମ୍ବର: ______________________________

୦୬. ବ୍ୟାଙ୍କ ଏବଂ ଶାଖା ନାମ: ______________________________

୦୭. ବ୍ୟାଙ୍କଆଇଏଫଏସସି (IFS)କୋଡ୍______________________________

୦୮. ସେଭିଙ୍ଗ୍ ବ୍ୟାଙ୍କ ଆକାଉଣ୍ଟରେ ଉପଲବ୍ଧ ପାଣ୍ଠି: ଟଙ୍କାରେ______________________

## ନିମ୍ନଲିଖିତକାର୍ଯ୍ୟକଳାପଗୁଡିକକରୁଛନ୍ତି କି ନାହିଁ:

- ନିୟମିତ ସଞ୍ଚୟ (ହଁ / ନା)-
- ସଞ୍ଚୟର ପରିମାଣ ( ଟଙ୍କାରେ)-
- ଲୋନ ନିଆଯାଇଛି କି ନାହିଁ (ହଁ / ନା)-
- ମୋଟ ଲୋନରପରିମାଣ (ଟଙ୍କାରେ) -
- ସମୁଦାୟ ଲୋନ ପରିଶୋଧର ପରିମାଣ (ଟଙ୍କାରେ)-
- ଲୋନ ପରିଶୋଧର ଧାରା (ନିୟମିତ / ଅନିୟମିତ)-
- ମିଟିଂ ରେଜିଷ୍ଟର ପରିଚାଳନା (ହଁ /ନା)-
- ନଗଦ ବୁକ୍ ରକ୍ଷଣାବେକ୍ଷଣ (ହଁ /ନା)-

୯.ସଭାପତି ଙ୍କ ନାମ  ଓ ଯୋଗାଯୋଗ ନଂ- ______________________________

୧୦. ସମ୍ପାଦିକା ଙ୍କ ନାମ ଓ ଯୋଗାଯୋଗ ନଂ- ______________________________

ସଭାପତି /ସମ୍ପାଦିକାଙ୍କ ସ୍ୱାକ୍ଷର
ମିଶନଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ

**ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ**

- ମିଶନ ଶକ୍ତି ଗୋଷ୍ଠୀ ଗଠନ ରେଜୋଲୁସନ ର ଫଟୋକପି ।
- ମୁଣ୍ଡା କାର୍ଯ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ୍ ହୋଇଥିବା ରିଜୋଲ୍ୟୁସନ୍ରଫଟୋକପି।
- ମିଶନ ଶକ୍ତି ଗୋଷ୍ଠୀର ଶେଷ ମିଟିଂ ରିଜୋଲ୍ୟୁସନ୍ରଫଟୋକପି।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକରଫଟୋକପି (ପ୍ରଥମ ଏବଂ ଶେଷପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର କ୍ୟାଶ୍ ବୁକରଫଟୋକପି ।